**ସର୍ବସାଧାରଣଙ୍କୁ ବ୍ଲକ୍ ମନା**

ରାୟଗଡ଼(ଗଜପତି)(ଡି.ଏନ୍.ଏ.): ଗଜପତି ଜିଲା ରାୟଗଡ଼ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କୁ ବ୍ଲକ ଅଫିସ ମନା କରିଛି ପ୍ରଶାସନ। ଯେଉଁମାନେ କାମ ପାଇଁ ବ୍ଲକ ଅଫିସକୁ ଆସିବେ ସେମାନେ ଗେଟ ବାହାରେ ଛିଡ଼ା ହୋଇ ସମ୍ପୃକ୍ତ ଅଧିକାରୀଙ୍କୁ ଯୋଗାଯୋଗ କରି ଗେଟ ନିକଟକୁ ଡକାଇ କଥା ହୋଇପାରିବେ। ଏହି ସମୟରେ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ବ୍ୟବହାର ଜରୁରୀ ବୋଲି କୁହାଯାଇଛି। ବ୍ଲକ ଅଫିସ କର୍ମଚାରୀ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବା ବିଡିଓ ଲୁକାଶ ପ୍ରଧାନ କହିଛନ୍ତି।



## ସଂକ୍ଷେପରେ

### ଛେପ ପକାଇ ଜରିମାନା ଦେଲେଣି ୧.୭୯ ଲକ୍ଷ ଟଙ୍କା

**ଛତ୍ରପୁର,୧୦।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କରୋନା ଗାଇଡଲାଇନ୍‌କୁ କଡ଼ାକଡ଼ି ପାଳନ କରାଯାଉଛି। ଉଭୟ ପ୍ରଶାସନ ଓ ପୋଲିସ ପକ୍ଷରୁ ପୃଥକ ଭାବେ ଏନ୍‌ଫୋର୍ସମେଣ୍ଟ କରି ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଗୁରୁବାର ସୁଦ୍ଧା ନିୟମ ଉଲ୍ଲଂଘନ ନେଇ ମୋଟ ୬୪ ଲକ୍ଷ ୬୦ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା କୋଭିଡ୍ ସେଲ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ସର୍ବସାଧାରଣ ସ୍ଥାନରେ ଛେପ ପକାଉଥିବା ଲୋକଙ୍କଠାରୁ ୧ ଲକ୍ଷ ୭୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ୩୧ ଲକ୍ଷ ୪ ହଜାର ୧୦୦ ଟଙ୍କା, ବାଇକ୍‌ରେ ୨ ଜଣ ବସିଥିବାରୁ ୧୧ ଲକ୍ଷ ୫୨ ହଜାର ୩୫୦ ଟଙ୍କା, ସାମାଜିକ ଦୂରତା ଉଲ୍ଲଂଘନ ପାଇଁ ୧୩ ଲକ୍ଷ ୪୬ ହଜାର ୭୦୦ ଟଙ୍କା, ନିୟମ ଉଲ୍ଲଂଘନକାରୀ ଦୋକାନୀଙ୍କଠାରୁ ୬ ଲକ୍ଷ ୭୮ ହଜାର ୨୫୦ ଟଙ୍କା ଜରିମାନା ଆଦାୟ ହୋଇଛି। ଗୁରୁବାର ଦିନକରେ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ୯୫ ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଗଜପତିରେ ୩୦ ପଜିଟିଭ

**ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି), ୧୦।୭ (ସ୍ୱ.ପ୍ର./ଡି.ଏନ୍.ଏ.):** ଗଜପତି ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶୁକ୍ରବାର ପୁଣି ୩୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ୩୦ ଜଣକୁ ମିଶାଇ ସଂଖ୍ୟା ୫୬୬ରେ ପହଞ୍ଚିଛି। ଚିହ୍ନଟ ୩୦ଜଣଙ୍କ ମଧ୍ୟରେ ୧୧ଜଣ ମହିଳା ଏବଂ ୧୯ପୁରୁଷ ରହିଛନ୍ତି। ୨ଜଣ କାଶୀନଗର, ଜଣେ ଗୋଷାଣୀ, ୫ଜଣ ରାୟଗଡ ଓ ମୋହନା ବ୍ଲକରୁ ୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସମସ୍ତଙ୍କୁ କୋଭିଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ରାୟଗଡ଼ ବ୍ଲକର ଆକ୍ରାନ୍ତ ୫ଜଣଙ୍କ ମଧ୍ୟରୁ ୪ଜଣ କରଡାସିଂ ଗ୍ରାମର ବୋଲି ଜଣାପଡିଛି। ତେଣୁ ପ୍ରଶାସନ ପକ୍ଷରୁ ଉକ୍ତ ଗାଁକୁ ୭ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। କରଡାସିଂ ଗାଁର ମୁଖ୍ୟ ରାସ୍ତା ସହ ପଡୋଶୀ ଅଂଲା, ସୋରଡ଼ା ଓ ବୁଜବ ଗାଁକୁ ମଧ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

### କୋର୍ଟ କନଷ୍ଟେବଲଙ୍କୁ କରୋନା

**ଆର.ଉଦୟଗିରି,୧୦।୭(ଡି.ଏନ.ଏ.):** ଆର.ଉଦୟଗିରି କୋର୍ଟର ଜଣେ କନଷ୍ଟେବଲ କରୋନା ସଂକ୍ରମିତ ହୋଇଛନ୍ତି। ଆର୍.ଉଦୟଗିରି ଥାନା ଓ ଏସ୍‌ଡିପିଓ ଅଫିସ ପରିସରକୁ କର୍ମଚାରୀ ଜଣକ ବାରମ୍ବାର ଯାଇଥିବାରୁ ଚିନ୍ତା ବଢ଼ିଛି। ସେ କିଛିଦିନ ହେବ ଥଣ୍ଡା, କାଶରେ ପୀଡିତ ଥିଲେ। ତାଙ୍କୁ ବୁଧବାର ପାରଳାଖେମୁଣ୍ଡି କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ ସାନିଟାଇଜ୍ ସହ ସ୍ୱାବ୍ ସଂଗ୍ରହ କରିବାକୁ ଦାବି ହେଉଛି।

# ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଟ୍ରାକ୍ ନିର୍ଦ୍ଦେଶ

**ଛତ୍ରପୁର,୧୦।୭(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

- ଲକ୍ଷଣ ଥିଲେ ସ୍ୱାବ୍ ସଂଗ୍ରହ ପରେ ପରୀକ୍ଷା
- ସମସ୍ତ ପ୍ରକାର ମୃତ୍ୟୁର ରିପୋର୍ଟ ଦିଅ

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସଂକ୍ରମିତମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଟ୍ରାକ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟଜନିତ ତଥ୍ୟକୁ ଆଧାର କରି କରୋନା ଲକ୍ଷଣ ଥିଲେ ସ୍ୱାବ ପରୀକ୍ଷା କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଅନ୍ୟପକ୍ଷରେ ଯେଉଁମାନଙ୍କୁ ଡିସଚାର୍ଜ କରାଯାଇଛି, ସେମାନେ ଯେଭଳି ହୋମ କ୍ୱାରାଣ୍ଟାଇନରେ ରହିବେ ଓ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ହୋଇଛି। ଜିଲାର ପ୍ରତିଟି ଅଞ୍ଚଳରେ ଦୁର୍ଘଟଣାଜନିତ ହେଉ ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କିମ୍ବା କରୋନାରେ କାହାର ମୃତ୍ୟୁ ହେଉଛି ସେ ସବୁର ତଥ୍ୟ ଜିଲାପାଳ/ପ୍ରଶାସନକୁ ଅବଗତ କରାଇବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ଜିଲାପାଳ ଶୁକ୍ରବାର ଭିଡିଓ କନଫରେନ୍ସ ଜରିଆରେ ଜିଲାର ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ କୋଭିଡ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବ୍ଲକ, ତହସିଲ ଓ ଏନ୍‌ଏସି କାର୍ଯ୍ୟାଳୟରେ କର୍ମଚାରୀ କରୋନା ସଂକ୍ରମିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନ୍ୟ ଲାଇନ ବିଭାଗର କର୍ମଚାରୀମାନଙ୍କୁ ମଧ କାର୍ଯ୍ୟ ବଣ୍ଟନ କରି କାର୍ଯ୍ୟଧାରାର ସୁପରିଚାଳନା କରିବାକୁ ଜିଲାପାଳ କହିଥିଲେ । ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ନିଜ ସଦର ମହକୁମା ଛାଡି ଅନ୍ୟତ୍ର ଯିବା ଆସିବା କରିବାକୁ ବାରଣ କରାଯାଇଛି। ବିନା କାରଣରେ ନିୟମ ଉଲ୍ଲଂଘନ କରି ବିପଦକୁ ଟାଣି ଆଣନ୍ତୁ ନାହିଁ ବୋଲି ଜିଲାବାସୀଙ୍କୁ ସତର୍କ ରହିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଗ୍ରୀନ ଜୋନ ଗ୍ରାମ ପଞ୍ଚାୟତ ଅଞ୍ଚଳର ଲୋକ ନିଜ ଅଞ୍ଚଳ ଛାଡି ବାହାରକୁ ଯିବାକୁ ବାରଣ କରାଯାଇ। ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସେମାନଙ୍କୁ ସୁବିଧା ଯୋଗାଇ ଦେବାକୁ ଯୋଜନା କରି ଏହାର ସୁପରିଚାଳନା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ରେଡଜୋନ ଘୋଷିତ ଅଞ୍ଚଳର ସଂକ୍ରମିତ ବ୍ୟକ୍ତିଙ୍କ ଆକ୍ଟିଭ କଣ୍ଟାକ୍ଟ ଟ୍ରାକ କରିବା ଓ ସେହି ଅଞ୍ଚଳରେ ୧୪୪ ଧାରା ବଳବତ୍ତର ରଖିବାକୁ କୁହାଯାଇଛି। କୋଭିଡ କେୟାର୍ ହୋମ ଓ କୋଭିଡ କେୟାର ସେଣ୍ଟର ଗୁଡିକରେ ସ୍ୱଚ୍ଛତା ଓ ଉତ୍ତମ ମାନର ଖାଦ୍ୟ ଯୋଗାଣକୁ ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ଘଟିଲେ କୌଣସି ସାଲିସ କରାଯିବ ନାହିଁ ବୋଲି ସତର୍କ କରାଇଥିଲେ। କୋଭିଡ ପରିଚାଳନାଗତ ସମସ୍ୟା ଦେଖାଗଲେ ତୁରନ୍ତ ପ୍ରଶାସନର ଦୃଷ୍ଟିକୁ ଆଣିଲେ ଆଶୁ ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ।

# ଭ୍ରାମ୍ୟମାଣ ସ୍ୱାବ୍ ନମୁନା ସଂଗ୍ରହ ଭ୍ୟାନ୍ ଉଦ୍‌ଘାଟିତ



ଭ୍ୟାନ ଉଦ୍‌ଘାଟନ କାର୍ଯ୍ୟକ୍ରମ।

**ବ୍ରହ୍ମପୁର ଅଫିସ,୧୦।୭**

ଗଞ୍ଜାମ ଜିଲାରେ କରୋନାରେ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରତିରୋଧ ନେଇ ଜିଲା ପ୍ରଶାସନ ପକ୍ଷରୁ ଅଧିକରୁ ଅଧିକ ଲୋକଙ୍କ ସ୍ୱାବ୍ ନମୁନା ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଶୁକ୍ରବାର ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପରିସରରେ ଭ୍ରାମ୍ୟମାଣ ସ୍ୱାବ୍ ନମୁନା ସଂଗ୍ରହ ଭ୍ୟାନ୍ ଶୁଭାରମ୍ଭ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଭ୍ୟାନଟି ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଥିରେ ଏକା ସମୟରେ ସାମାଜିକ ଦୂରତା ରକ୍ଷା ସହ ଦୁଇଜଣ କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ନମୁନା ସଂଗ୍ରହର ସୁବିଧା ରହିଛି। ଏହି ଭ୍ୟାନ ପରିଚାଳନା ପାଇଁ ଜଣେ ଲାବରେଟୋରି ଟେକ୍ନିସିଆନ, ସ୍ୱାସ୍ଥ୍ୟକର୍ମୀ ଓ ଆଟେଣ୍ଡାଣ୍ଟଙ୍କୁ ନିୟୋଜିତ କରାଯାଇଛି। ତେବେ ବ୍ରହ୍ମପୁର ବିଜୁ ପଟ୍ଟନାୟକ ହୋମିଓପାଥି ମହାବିଦ୍ୟାଳୟର ବାଳିକା ଛାତ୍ରାବାସରେ ହୋଇଥିବା ସ୍ୱାବ୍ ନମୁନା ସଂଗ୍ରହ କେନ୍ଦ୍ରକୁ ଆସୁଥିବା ବ୍ୟକ୍ତିଙ୍କୁ ସଂକ୍ରମଣରୁ ରକ୍ଷା କରିବାକୁ ଏହି ଭ୍ୟାନ୍‌ର ଶୁଭାରମ୍ଭ କରାଯାଇଥିବା ଜିଲାପାଳ ସୂଚାଇଛନ୍ତି। ଏହି ଭ୍ୟାନ ପରିଚାଳନା ପାଇଁ ନିୟୋଜିତ କର୍ମଚାରୀଙ୍କୁ ଶୁକ୍ରବାର ତାଲିମ ପ୍ରଦାନ କରାଯାଇଥିବା ବେଳେ ଶନିବାରରୁ ଏହା ସହରରେ ସ୍ୱାବ୍ ନମୁନା ସଂଗ୍ରହ ଆରମ୍ଭ ହେବ। ଭ୍ୟାନ ଜରିଆରେ ଏଣିକି ବିଏମ୍‌ସି ପକ୍ଷରୁ ଚାଲିଥିବା ସ୍ୱାସ୍ଥ୍ୟ ଯାଞ୍ଚ ବେଳେ ଚିହ୍ନଟ ହେଉଥିବା ସନ୍ଦିଗ୍ଧଙ୍କ ସ୍ୱାବ ନମୁନା ସଂଗ୍ରହ କରାଯିବ ବୋଲି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି। ଭ୍ୟାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପାଳ, କମିଶନରଙ୍କ ସମେତ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ଯୋଜନା ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲ୍‌ରେ କରୋନା ଭୟ: ୧୭ ପଜିଟିଭ୍

**ବ୍ରହ୍ମପୁର ଅଫିସ,୧୦।୭**

**ବ୍ରହ୍ମପୁର ମଣ୍ଡଳ କାରାଗାର**
**ଅନ୍ତରୀଣ ଜାମିନରେ ୩୦୦**

ଗଞ୍ଜାମ ଜିଲାରେ ଜୁଲାଇ ଆରମ୍ଭରୁ କରୋନା ସ୍ଥିତି ବିଜ୍ଜନକ ହେଉଥିବା ବେଳେ ତାହା ଏବେ ଘାତକ ସାଜିଛି। ଦୈନିକ କରୋନା ସଂକ୍ରମଣ ବୃଦ୍ଧି ହାର ଉପରକୁ ଚାଲିଗଲାଣି। ରାଜ୍ୟରେ ଚିହ୍ନଟ ସମୁଦାୟ ପଜିଟିଭଙ୍କ ମଧ୍ୟରୁ ୩୮ ପ୍ରତିଶତ ଗଞ୍ଜାମ ଜିଲାରେ। ଏହାର ପ୍ରଭାବ ମଧ ଜେଲରେ ରହୁଥିବା ବିଚାରାଧୀନ ବନ୍ଦୀଙ୍କ ଉପରେ ପଡୁଥିବା ଦେଖିବାକୁ ମିଳିଛି। ଏଣୁ ଜେଲରେ ଭିଡ଼ କମାଇବା ଓ ସାମାଜିକ ଦୂରତ୍ୱକୁ ନେଇ ୭୪୩ ବନ୍ଦୀଙ୍କ ମଧ୍ୟରୁ ପ୍ରାୟ ୩୦୦ ଜଣଙ୍କୁ ଅନ୍ତରୀଣ ଜାମିନରେ ମୁକୁଳା ଯାଇଥିବା ବ୍ରହ୍ମପୁର ମଣ୍ଡଳ କାରାପାଳ ଶଶୀକାନ୍ତ ମହାଲିକ ସୂଚନା ଦେଇଛନ୍ତି। ବର୍ତ୍ତମାନ ବିଭିନ୍ନ ଆପରାଧିକ ମାମଲାରେ ଗିରଫ ହୋଇ ଜେଲ ଆସୁଥିବା ବିଚାରାଧୀନ ବନ୍ଦୀଙ୍କ ମଧ୍ୟରୁ ହତ୍ୟା, ବଳାତ୍କାର ଭଳି କେତେକ ସଙ୍ଗିନ ମାମଲାର ଅଭିଯୁକ୍ତଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଅନ୍ତରୀଣ ଜାମିନରେ ଏବେ ଛଡ଼ାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ୫୦ ଦୋଷୀ ସାବ୍ୟସ୍ତ ହୋଇଥିବା କଏଦୀଙ୍କୁ ଦିଗପହଣ୍ଡି ଜେଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦେଶ କ୍ରମେ ଅନ୍ତରୀଣ ଜାମିନରେ ଛଡ଼ାଯାଉଛି ବୋଲି ସେ କହିଛନ୍ତି। ଜୁନରେ ପ୍ରଥମ ଥର ୨ ଅଭିଯୁକ୍ତ ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ମଣ୍ଡଳ କାରାଗାରରୁ ୧୭ ପଜିଟିଭ ଚିହ୍ନଟ ହୋଇସାରିଲେଣି ବୋଲି କାରାପାଳ ମହାଲିକ ସୂଚନା ଦେଇଛନ୍ତି।

### ଛତ୍ରପୁରରେ ପୁଣି ୫ ପଜିଟିଭ

**ଛତ୍ରପୁର,୧୦।୭(ଡି.ଏନ.ଏ.):** ଛତ୍ରପୁରରେ ପୁଣି ୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ କରୋନା ଯୋଦ୍ଧା, ୨ ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ଓ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଜଣେ ସଂକ୍ରମିତ ହୋଇଛନ୍ତି। ଗତ ୨୦ ଦିନ ମଧ୍ୟରେ ଛତ୍ରପୁରରେ ୪୮ ଜଣ କରୋନାରେ ଆକ୍ରାନ୍ତ ହୋଇ କୋଭିଡ୍ ହସ୍ପିଟାଲ ଓ କେୟାର ସେଣ୍ଟରକୁ ଗଲେଣି। ସେମାନଙ୍କ ମଧ୍ୟରେ ୧୧ ଜଣ କରୋନା ଯୋଦ୍ଧା, ଟ୍ରାଭେଲ ହିଷ୍ଟ୍ରି ଥିବା ୬ ଜଣ ଓ ପଜିଟିଭଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ୩୧ ଜଣ ଅଛନ୍ତି।

# କଣ୍ଟେନ୍‌ମେଣ୍ଟ ଜୋନ୍ ହେଲା ରାଇକିଆ



ମାଣିକେଶର ରାସ୍ତା ସିଲ୍ କରାଯାଉଛି।

**ରାଇକିଆ,୧୦।୭(ଡି.ଏନ୍.ଏ.)**

ରାଇକିଆ ସହରର ଦୁଇଟି ଅଞ୍ଚଳରୁ ଶୁକ୍ରବାର ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ଟୁଇଟ କରି ସୂଚନା ଦେବା ସହ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରାଇକିଆ ଓ ଏହାର ଆଖପାଖ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ରାଇକିଆ ସହର ସମେତ ଗମାଣ୍ଡି, ଗଞ୍ଜାନାଜୁ, ଦଡିଙ୍ଗିଆ ପଞ୍ଚାୟତର ଗଣ୍ଡିସି, ଦାଲବାଲି, ବେରେଡାକିଆ ପଞ୍ଚାୟତର ବେରେଡାକିଆ ଓ କାନ ଶୁଗଡବାଡ଼ି ପଞ୍ଚାୟତର କାଜୁରି ଏବଂ ମାଣିକେଶର ପଞ୍ଚାୟତର ସିଡିନପଟା ଓ ଲେନଡିରିକିଆ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇ ପ୍ରବେଶ ପଥରେ ବ୍ୟାରିକେଡ୍ କରାଯାଉଛି। ଅନ୍ୟକେତେକ ଅଞ୍ଚଳକୁ ବଫର୍ ଜୋନ୍ କରାଯାଇଛି। ଆକ୍ରାନ୍ତ ୨ ଜଣ ପୁରୁଷ ହୋଇଥିବା ବେଳେ ଜଣଙ୍କ ବୟସ ୧୬ ଏବଂ ଅନ୍ୟଜଣଙ୍କ ୨୮ବର୍ଷ। ଉଭୟ ଗଞ୍ଜାମ ଜିଲା ଯାଇ ସଂକ୍ରମିତ ହୋଇଥିବା ଜଣାପଡିଛି। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ଘରଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ ହେବ।

### କୋଭିଡ୍ ହସ୍ପିଟାଲକୁ ଆସିବ ନୂଆ ଭେଣ୍ଟିଲେଟର

**ଛତ୍ରପୁର,୧୦।୭(ଡି.ଏନ.ଏ.)**

ଶିତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲକୁ ଆଉ ନୂଆ ଭେଣ୍ଟିଲେଟର ଅଣାଯିବ। ଏଥିସହ ଜିଲାରେ ଥିବା ଘରୋଇ ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲରେ ପରିଣତ କରିବା ପାଇଁ ଚିହ୍ନଟ ପ୍ରକ୍ରିୟା ଚାଲିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଜିଲାରେ ଆହୁରି ୧୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଆରମ୍ଭ ହେବ। ପ୍ରତି ପଞ୍ଚାୟତରେ ୧୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ହୋମ ଖୋଲିବ। ଏପରି ମୋଟ ୫ ହଜାର ଶଯ୍ୟା ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସ୍ୱାବ ସଂଗ୍ରହ ପାଇଁ ଭ୍ୟାନ ଏବଂ କରୋନା ରୋଗୀଙ୍କ ପାଇଁ ଔଷଧ ଆସିଯାଇଛି। କରୋନା ଚେନ ଭାଙ୍ଗିବା ପାଇଁ ୱାର୍ଡସ୍ତରୀୟ କୋଭିଡ କମିଟି ଓ କୋଭିଡ ମନିଟର ବ୍ୟବସ୍ଥା ହୋଇଛି। ଗାଁରେ ସରପଞ୍ଚ ଓ ସମିତିସଭ୍ୟମାନେ କୋଭିଡ ପରିଚାଳନା କରୁଛନ୍ତି।

# ଶଟ୍‌ଡାଉନରେ ରାସ୍ତା ଜନଶୂନ୍ୟ, ପାଟ୍ରୋଲିଂ କଡ଼ାକଡ଼ି



ପାରଳାଖେମୁଣ୍ଡି ସହରରେ ପୋଲିସ ପାଟ୍ରୋଲିଂ କରୁଛି।

**ପାରଳାଖେମୁଣ୍ଡି,୧୦।୭ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ କରୋନା ସଂକ୍ରମଣ ଦିନକୁ ଦିନ ବଢୁଥିବାରୁ ଜିଲାପାଳ ଅନୁପମ ସାହା ଏଠାରେ ଶୁକ୍ରବାରରୁ ୩ଦିନିଆ ଶଟଡାଉନ ଘୋଷଣା କରିଛନ୍ତି। ସେଥିପାଇଁ ସହରର ସମସ୍ତ ପ୍ରବେଶ ପଥ ସିଲ୍ କରାଯାଇଛି। ରାୟଗଡା,ଗଞ୍ଜାମ ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ରାସ୍ତାରେ ଯାତାୟତ ପାଇଁ ରୋକ ଲଗାଯାଇଛି। ଏ ସବୁ ଅଞ୍ଚଳରେ ୨୪ଘଣ୍ଟିଆ ପୋଲିସ ପହରା ବ୍ୟବସ୍ଥା କରାଯାଇଛି। ଥମ ଦିନ ସଟ୍‌ଡାଉନ୍‌ରେ ରାସ୍ତା ଘାଟ ଗୁଡିକ ଶୁନ୍‌ଶାନ ହୋଇଛି। ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟସେବା ଭଳି ଜରୁରିକାଳୀନ ଗାଡି ଯାତାୟତ କରୁଛି। ଗଜପତି ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ପାରଳା ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ସାରା ସହରରେ ପାଟ୍ରୋଲିଂ କଡାକଡି କରାଯାଇଛି।

### ଘର ଘର ବୁଲି ଚାଲିଛି ଥର୍ମାଲ ଟେଷ୍ଟ

**ପାରଳାଖେମୁଣ୍ଡି,୧୦।୭(ସ୍ୱ.ପ୍ର.):** ପାରଳାଖେମୁଣ୍ଡି ସହରରେ ଶୁକ୍ରବାରରୁ ଥର୍ମାଲ ଓ ଅକ୍ସି ଟେଷ୍ଟ ଆରମ୍ଭ କରାଯାଇଛି। ସହରକୁ ୩ଦିନିଆ ଶଟଡାଉନ କରାଯାଇଥିବାରୁ ସମସ୍ତଙ୍କର ଟେଷ୍ଟ କରିବା ସମ୍ଭବ ହେବ। ଏହାଦ୍ୱାରା ସଂକ୍ରମଣ ରୋକାଯାଇ ପାରିବ ବୋଲି ଗଜପତି ଜିଲାପାଳ ଅନୁପମ ସାହା କହିଛନ୍ତି। ଏହି ଟେଷ୍ଟିଂ କାମରେ ସ୍ୱାସ୍ଥ୍ୟ ବିଭାଗର ୬୦ଟି ଟିମ୍ ନିୟୋଜିତ ହୋଇଥିବା ଗଜପତି ସିଡିଏମ୍‌ଓ ଡାକ୍ତର ପ୍ରଦୀପ କୁମାର ପାତ୍ର କହିଛନ୍ତି।

### ବୁଗୁଡ଼ା, ପୋଲସରାରୁ ୨୨ ପଜିଟିଭ୍ ଚିହ୍ନଟ

**ପୋଲସରା/ବୁଗୁଡା, ୧୦।୭(ଡି.ଏନ.ଏ.)**

ପୋଲସରା ଓ ବୁଗୁଡାରେ ଶୁକ୍ରବାର ପୁଣି ୨୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୋଲସରାରୁ ୫, କଳମ୍ବରୁ ୪, ଘୋଡାପଲାଣରୁ ୧, ମନ୍ଦାରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବିଡ଼ିଓ ଶମ୍ଭୁନାଥ ନନ୍ଦି ସୂଚନା ଦେଇଛନ୍ତି। ସେହିପରି ବୁଗୁଡା ବ୍ଲକ ଓ ଏନ୍‌ଏସିରେ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏନ୍‌ଏସିରେ ଜଣେ କନିଷ୍ଠ ଯନ୍ତ୍ରୀ ଓ ଜଣେ ଶିକ୍ଷକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଛି। ସେହିପରି ବ୍ଲକର ବାଲିପଦରରେ ୨, ଏ.କରଡ଼ାବାଡ଼ିରେ ୨, ବେତାରସିଙ୍ଗି, ରାମଣ୍ଡା, ବିଷ୍ଣୁଚକ୍ର, ଅରଖପୁର ଓ ଗୋଛାବାଡ଼ିରେ ଜଣେ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ଯନ୍ତ୍ରୀଙ୍କୁ କରୋନା ପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ସିଲ୍ କରାଯାଇଛି।

# ପେଟ୍ରୋଲ ପମ୍ପରେ ଚଢ଼ାଉ

## ୪ ନୋଜଲରେ କମ୍ ତେଲ,ବିଭାଗୀୟ ଅଧିକାରୀଙ୍କୁ ଦାୟୀକଲେ ମାଲିକ

**ଦାରିଙ୍ଗବାଡ଼ି,୧୦।୭(ଡି.ଏନ୍.ଏ.)**



ପେଟ୍ରୋଲ ପମ୍ପରେ ଚଢାଉ ଚାଲିଛି।

ଦାରିଙ୍ଗବାଡ଼ି ସନୋଜ ଫିଲିଂ ଷ୍ଟେଶନରେ ଗୁରୁବାର ସନ୍ଧ୍ୟାରେ ଡାଇରେକ୍ଟର ଅଫ୍ ଲିଗାଲ ମେଟ୍ରୋଲୋଜି ବିଭାଗ ଚଢାଉ କରିଛି। ୬ମାସ ହେଲା ଏଠାରେ ମାପରେ ଠକେଇ ହେଉଥିବା ଚଢାଉରୁ ଜଣାପଡିବା ପରେ ବିକ୍ରି ବନ୍ଦ କରାଯାଇଛି। ଶୁକ୍ରବାର ସକାଳୁ ମଧ ପୁଣି ଥରେ ଯାଞ୍ଚ ଆରମ୍ଭ ହୋଇଛି। ପେଟ୍ରୋଲ ପମ୍ପର କର୍ମଚାରୀ ଓ ମାଲିକଙ୍କ ବୟାନ ରେକର୍ଡ ହୋଇଛି। ବିଭାଗର ଆସିଷ୍ଟାଣ୍ଟ କଣ୍ଟ୍ରୋଲର ବିଦ୍ୟାଧର ବିଶ୍ୱାଳଙ୍କ ନେତୃତ୍ୱରେ ଫୁଲବାଣୀ ଏବଂ ବାଲିଗୁଡ଼ା ଦାୟିତ୍ୱରେ ଥିବା ବିଭାଗୀୟ ଇନ୍ସପେକ୍ଟର ସାଗରିକା ସାବତ ପ୍ରମୁଖ ଚଢ଼ାଉ କରିଥିଲେ। ଏଠାରେ ତିନୋଟି ପେଟ୍ରୋଲ ଓ ତିନୋଟି ଡିଜେଲ ନୋଜଲ ରହିଛି। ସେଥିରୁ ୩ ପେଟ୍ରୋଲ ଓ ଗୋଟିଏ ଡିଜେଲ ନୋଜଲରେ କମ୍ ତେଲ ଆସୁଥିଲା। ଏହି ୪ ମେଶିନ୍ ସିଲ୍ କରାଯିବ ବୋଲି ଆସିଷ୍ଟାଣ୍ଟ କଣ୍ଟ୍ରୋଲର ବିଶ୍ୱାଳ କହିଛନ୍ତି। ଏନେଇ ଜରିମାନା ଆଦାୟ କରାଯିବ।

ବିଭାଗୀୟ ଇନ୍ସପେକ୍ଟର ସାବତ ପେଟ୍ରୋଲ ପମ୍ପ ଶୁଭାରମ୍ଭ ଦିନ ଯାଞ୍ଚ କରି ମେଶିନ୍ ଷ୍ଟାପିଂ କରିଥିଲେ। ହେଲେ ସେ ଠିକ୍ ଭାବେ କରି ନ ଥିବା ଯୋଗୁ ୬ମାସ ହେଲା ଗ୍ରାହକ ଠକାମିର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏନେଇ ଇନ୍ସପେକ୍ଟର ସାଗରିକା ସାବତ କିଛି କହି ନ ଥିବାବେଳେ ଆସିଷ୍ଟାଣ୍ଟ କଣ୍ଟ୍ରୋଲର ବିଶ୍ୱାଳ ମେଶିନରେ ତ୍ରୁଟି ଯୋଗୁ ଏପରି ହୋଇଛି, ସମସ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି କହିଛନ୍ତି। ଏନେଇ କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି କହିଛନ୍ତି ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏନେଇ ମାଲିକ ସନୋଜ କୁମାର ସାହୁ କହିଛନ୍ତି, ସେ କମ୍ପାନୀରୁ ଫ୍ରାଞ୍ଚାଇଜ ନେଇଥିବାବେଳେ ଇନ୍ସପେକ୍ଟର ସାବତ ଷ୍ଟାପିଂ କରିଥିଲେ। ତ୍ରୁଟି ପାଇଁ କମ୍ପାନୀ ଓ ସମ୍ପୃକ୍ତ ଅଧିକାରୀ ଦାୟୀ।

# ଭଞ୍ଜନଗର: ଦିନକରେ ୨୯ ପଜିଟିଭ୍

**ଭଞ୍ଜନଗର,୧୦।୭(ଡି.ଏନ୍.ଏ.)**

ଭଞ୍ଜନଗର ଏନ୍‌ଏସିରେ ୨୬ ଏବଂ ବ୍ଲକରେ ୩ ନୂଆ କରୋନା ଆକ୍ରାନ୍ତ ଗୁରୁବାର ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କୋଭିଡ୍ କେୟାର ସେଣ୍ଟର ଏବଂ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଦିନକରେ ସର୍ବାଧିକ ୨୫ ଆକ୍ରାନ୍ତ ହୋଇଥିବାବେଳେ ଏହା ପୂର୍ବ ରେକର୍ଡ ଭାଙ୍ଗିଛି। ଭଞ୍ଜନଗର କଣ୍ଟେନ୍‌ମେଣ୍ଟ ଜୋନ୍ ହୋଇ ମଧ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ବେଲଗୁଣ୍ଠା ବ୍ଲକ ଓ ଏନ୍‌ଏସିରେ ମଧ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଶଟ୍‌ଡାଉନର ଦ୍ୱିତୀୟ ଦିନରେ ଶୁକ୍ରବାର ଭଞ୍ଜନଗର ଓ ବେଲଗୁଣ୍ଠା ଏନଏସିରେ କର୍ମଚାରୀମାନେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ଲକ୍ଷଣ ଥିଲେ ସ୍ୱାବ୍ ପରୀକ୍ଷା କରାଯିବ। ଅନ୍ୟ ଜିଲାର ଲୋକେ ଜିଲାରେ ଯେଭଳି ବିନା ଅନୁମତିରେ ଜିଲାରେ ପଶି ନପାରିବେ ସେଥିପାଇଁ ଗଞ୍ଜାମ ଜିଲା ସୀମା ଦୁର୍ଗାପ୍ରସାଦ, ତାରସିଂ, କରସିଂରେ ଯାଞ୍ଚ କଡାକଡି କରାଯାଇଛି। ଭଞ୍ଜନଗର ଏଡିଏମ୍ ବିଶାଳ ସିଂ, ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜି ଏହାର ତଦାରଖ କରୁଛନ୍ତି।

### ସୁବାସଙ୍କୁ ମେଡିକାଲ ନେଲା ସ୍ୱାସ୍ଥ୍ୟ ବିଭାଗ

**ଖଜୁରିପଡ଼ା,୧୦।୭(ଡି.ଏନ.ଏ.):** ଖଜୁରିପଡା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ରାଣୀପଥର ଗ୍ରାମର ସୁବାସ ଜାନି ଗଛରୁ ପଡି ଅକର୍ମଣ୍ୟ ହୋଇଥିଲେ।

**'ଧରିତ୍ରୀ' ପ୍ରଭାବ**

ମା'-ବାପାଙ୍କ ମୃତ୍ୟୁ ହୋଇଯାଇଥିବାରୁ କେହି ଦେଖାଶୁଣା କରିବାକୁ ନଥିଲେ। ତେଣୁ ପର ବାରଣ୍ଡାରେ ଜୀବନ ବିତାଉଥିଲେ। ଏନେଇ ଗତ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସିଡିଏମ୍‌ଓ ରାଜେଶ୍ୱରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟଟିମ୍ ପହଞ୍ଚି ସୁବାସଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଛି। ସେଠାରୁ ବ୍ରହ୍ମପୁର ରେଫର କରାଯାଇଛି।

# ସହରତଳି ଅଞ୍ଚଳରେ ସ୍ୱାସ୍ଥ୍ୟ ଯାଞ୍ଚରେ ଅବହେଳା ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୦।୭**

- ଜିଲାପାଳଙ୍କୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର
- ବିଏମ୍‌ସି ଭଳି ସ୍କ୍ରିନିଂ, ବିଶୋଧନ କରିବା ଦାବି

ବ୍ରହ୍ମପୁର ମହାନଗର ନିଗମ(ବିଏମସି) ସନ୍ନିକଟ ସହରତଳି ଅଞ୍ଚଳରେ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ସହରତଳି ଅଞ୍ଚଳ ପ୍ରତି ଅଣଦେଖା କରାଯାଉଥିବା ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ସହରତଳି ଅଞ୍ଚଳରେ ବିଏମ୍‌ସି ଅଞ୍ଚଳ ଭଳି ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବା ସହ ବିଶୋଷନ କରିବା ନେଇ କମିଟି ପକ୍ଷରୁ ଦାବି ହୋଇଛି। ଏନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ କମିଟି ପକ୍ଷରୁ ଇମେଲ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ ନିକଟରେ ୧୯ରୁ ଊର୍ଦ୍ଧ୍ୱ ସହରତଳି ଅଞ୍ଚଳରେ ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। କରୋନା ଭଳି ମହାମାରୀ ସମୟରେ ସହରତଳି ଅଞ୍ଚଳବାସୀଙ୍କ ପ୍ରତି ଅଣଦେଖା କରାଯାଉଥିବା କମିଟି କହିଛି। ବ୍ରହ୍ମପୁର ମହାନଗର ଅଞ୍ଚଳରେ ଇତି ମଧ୍ୟରେ ତିନି ତିନି ଥର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା ବେଳେ ସହରତଳି ଅଞ୍ଚଳଗୁଡିକରେ ମାତ୍ର ଥରେ ସ୍ୱାସ୍ଥ୍ୟ ଯାଞ୍ଚ ହୋଇଛି। କିନ୍ତୁ ଉକ୍ତ ଯାଞ୍ଚ ପ୍ରକ୍ରିୟା ମଧ ସୂଚାରୁରୂପେ କରାଯାଇ ନ ଥିବା କମିଟି କହିଛି। ସଂକ୍ରମିତ ଚିହ୍ନଟ ହୋଇଥିବା ଅଞ୍ଚଳକୁ ବିଶୋଧନ କରିବା ନେଇ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ ପଟ୍ଟନାୟକ, ହରିହର ନାୟକ, ବିଭି ସାଗର, ଉପଦେଷ୍ଟା ପ୍ରଫେସର ରଙ୍ଗନାଥ ମିଶ୍ର ପ୍ରମୁଖ ଲିଖିତ ଭାବେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି।

